ଏପିସୋଡ ୪୭

# ବିପର୍ଯ୍ୟସ୍ତ ପାଣିପାଗର କଥା

ମୂଳ ଲେଖା: ମାନସ ପ୍ରତୀମ ଦାସ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ଦୃଶ୍ୟ

(ଡେରି ରାତି ସମୟ, ପ୍ରାୟ ୫୦ ଘରର ଏକ ବସ୍ତିରେ ନାଚଗୀତ ଚାଲିଛି। ଏଠିକାର ଅଧିବାସୀ ଆଖପାଖରେ ମୂଲିଆ ଭାବରେ କାମ କରନ୍ତି। ଅଧିକାଂଶ ଘର କଚ୍ଚା ଘର, ବାଉଁଶ ଆଉ ଟିଣରେ ତିଆରି। ଘରକୁ ଘର ଲାଗି ରହିଥିବାରୁ ବହୁତ କମ୍ ଖରା ସେଠି ପହଞ୍ଚେ। ହିନ୍ଦୀ ଗୀତରେ ଲୋକମାନେ ନାଚୁଛନ୍ତି।)

ବିଜୁ: ହଁ ରାତି ସାରା ଏ କାର୍ଯ୍ୟକ୍ରମ ଚାଲିବ। ଖୁବ ନାଚିବା, ଖୁବ ଗାଇବା।

ସୁନୀତା: (ହସି ହସି) ଏମାନେ ସମସ୍ତେ କ'ଣ ପାଗଳ? କାଲି ଏମାନେ କାମକୁ ଯିବେନାହିଁ କି। ଠିକାଦାର ତ ଛୁଟି ଦେବନାହିଁ।

ସଞ୍ଜୁ: ଠିକାଦାରକୁ ମାର ଗୁଲି। ଆମେ ତ ନାଚିବୁ, ଗାଇବୁ, ଧୂମ

ମଚେଇବୁ। (ସମସ୍ତେ ହସୁଚନ୍ତି)

ଲଖନ: ଠିକାଦାର କେମିତି ବୁଝିବ, ଆମେ କ'ଣ ପାଇଛୁ?

ବିଜୁ: ଗରିବର ରକ୍ତ ଶୋଷିଲା ବାଲା କ'ଣ ବୁଝିବ? ଆମେ ତ ନାଚିବୁ।

ଲଖନ: ଆମର ପାଞ୍ଚଜଣ ପିଲା ପରୀକ୍ଷାରେ ପ୍ରଥମ ଶେଣୀ ପାଇଛନ୍ତି। ଆଗରୁ କ'ଣ ଆମେ କେବେ ଭାବିଥିଲେ!

ସୁନୀତା: ଗୋପାଳ, ଅଞ୍ଜୁ, ନୀନା, କୃଷ୍ଣା ଆଉ ଶମ୍ଭୁ ଏ ସବୁ କରି ଦେଖେଇ ଛନ୍ତି। ଲଖନଭାଇ ଆପଣ ଠିକ କହିଛନ୍ତି।

ଲଖନ: ଏ ଘରମାନଙ୍କୁ ଦେଖ, ଏସବୁ କ'ଣ ରହିବା ଯୋଗ୍ୟ? ତଥାପି ଆମ ପିଲାମାନେ ଦିନରାତି ପରିଶ୍ରମ କରୁଛନ୍ତି।

ରଜନୀ: (ବୁଢ଼ୀ ଲୋକ) ମୋ ସୌଭାଗ୍ୟ, ମତେ ଆଜି ଭଳି ଦିନ ଦେଖିବାକୁ ମିଳିଲା।

ଲଖନ: ମାଉସୀ, ତମେ ତ ଦିନରାତି ଭଗବାନଙ୍କୁ ଖାଲି ମୃତ୍ୟୁ ପାଇଁ ପ୍ରାର୍ଥନା କରୁଥିଲ।

ରଜନୀ: ଏ ସବୁତ ଭଗବାନଙ୍କ ଇଚ୍ଛା ଉପରେ ନିର୍ଭର କରେ। ଆମ ପିଲାମାନଙ୍କ ସଫଳତାର ଏ ଦିନ ଦେଖିବା ମୋ ଭାଗ୍ୟରେ ଥିଲା।

ଅଞ୍ଜୁ: ଆଈ, ଆଉ ଜଣେ ବି ପ୍ରଶଂସାର ପାତ୍ର।

ସୁନୀତା: ତୁ ସେ ବୈଜ୍ଞାନିକ ଭାଇଙ୍କ କଥା କହୁଛୁ।

ଅଞ୍ଜୁ: ହଁ ମାଉସୀ, ଠିକ କହିଛ। ଯଦି ସେ ଆମକୁ ଏ ସୌରଲଣ୍ଠନ ଦେଇ

ନ ଥାନ୍ତେ, ତାହେଲେ ଆମ ପିଲାମାନେ ଏତେ ଭଲ କରିପାରି ନ ଥାନ୍ତେ।

ଲଖନ: ଅଞ୍ଜୁ ଠିକ କହିଛି। ସେ ବୈଜ୍ଞାନିକ ଭାଇ ତ ଆମ ପାଇଁ ଜଣେ ଅବତାର ହୋଇ ଆସିଥିଲେ। ତାଙ୍କ ସାହାଯ୍ୟ ବିନା ଆମେ ଅନ୍ଧାରରେ ବାହାରକୁ ବି ବାହାରି ପାରୁ ନ ଥିଲୁ।

ବିଜୁ: ଲଖନ, ତୋ କଥା ସତ। ଆଗରୁ ତ ଘରେ କିଛି ଖୋଜିବା ପାଇଁ ଅନ୍ଧାରରେ ହାତ ମାରିବାକୁ ହେଉଥିଲା।

ସୁନୀତା: ଆରମ୍ଭରେ ତ ମତେ ବିଶ୍ୱାସ ହେଉ ନ ଥିଲା। ଗମ୍ବୁଜ ଭଳି ପ୍ୟାନେଲ, ତା ଦୁଇପଟେ ଦୁଇଟି ଡେଣା ଭଳି, ମତେ ତ କୌଣସି ଘରସଜା ଜିନିଷ ଭଳି ଲାଗୁଥିଲା।

ଅଞ୍ଜୁ: ଦୁଇ ଡେଣା ବାଲା ଘରସଜା ଜିନିଷ... ହା... ହା...। ମାଉସୀ ସେ ପ୍ୟାନେଲ ହିଁ ତ କାମର ଜିନିଷ। ସୂର୍ଯ୍ୟକିରଣ ସେଥିରେ ପଡ଼ିଲେ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୁଏ।

ବିଜୁ: କି ଯାଦୁ?

ଅଞ୍ଜୁ: ବିଜୁ କାକା, ଏ କୌଣସି ଯାଦୁ ନୁହେଁ। ଏସବୁ କାରିଗରୀର କମାଲ। ଦିନବେଳେ ବ୍ୟାଟେରୀରେ ଶକ୍ତି ଜମା ହୋଇ ରହୁଛି। ଏ ହେଉଛି ସେଇ କିରଣ ଯାହା ଦିନ ବେଳେ କଣା ବାଟେ ଘର ଭିତରକୁ ଯାଇ ଘର ଭିତର ଆଲୁଅ କରେ।

ସୁନୀତା: ଏହିଭଳି ଆମକୁ ଦିନବେଳେ ବି ଆଉ ରାତିରେ ବି ଆଲୁଅ ମିଳେ।

ଏ ବୈଜ୍ଞାନିକ ବାବୁ ଆମ ଜୀବନକୁ ବଦଳେଇ ଦେଲା।

ସଞ୍ଜୁ: ଆଗକୁ କେଉଁଠି ପଢ଼ିବାକୁ ଯିବୁ ଅଞ୍ଜୁ? କ'ଣ ସେବି ବିଦ୍ୟାଳୟରେ?

ଅଞ୍ଜୁ: ନାଇ ମାଉସୀ, ସେ ସ୍କୁଲରେ ଦଶମ ଶ୍ରେଣୀ ଯାଏଁ ଅଛି। ଆଗକୁ ପଢ଼ିବା ପାଇଁ ଆମକୁ ଅନ୍ୟ ସ୍କୁଲକୁ ଯିବାକୁ ହେବ।

ସଞ୍ଜୁ: ଓହୋ ଏମିତି କଥା। ଏଥିପାଇଁ ତ ଆହୁରି ପଇସା ଦରକାର ହେବ। ଏ ଆହୁରି ଗୋଟିଏ ମୁଣ୍ଡବ୍ୟଥା।

ସୁନୀତା: ଏ ଠିକାଦାର କ'ଣ ଏଥିପାଇଁ କିଛି ସାହାଯ୍ୟ କରିପାରିବ। ଏଥିପାଇଁ ଆମେ ଅଧିକ ସମୟ କାମ କରିବୁ। ଆମ ପିଲାଙ୍କ ଭବିଷ୍ୟତ କଥା।

ଲଖନ: ସୁନୀତା, କି କଥା କହୁଛୁ। ଯୋଉ ଲୋକ ଆମକୁ ଠିକ ସମୟରେ ପୂରା ପଇସା ଦିଏନାହିଁ, ତା ଠାରୁ ଏଭଳି ଆଶା କରିବା ଉଚିତ ହେବନାହିଁ।

ସୁନୀତା: କିନ୍ତୁ ଆମକୁ କିଛି ବାଟ ଖୋଜିବାକୁ ତ ହେବ। ଏବେ ଚାଲ ଘରକୁ ଯିବା। ଲଖନ, ତୁ ଏ ନିଆଁ ଲିଭାଇବାକୁ ଭୁଲିଯିବୁନି।

ରଜନୀ: ଲକ୍ଷ୍ୟ ରଖିବୁ। ମନେଅଛି ଗତବର୍ଷ ଶୀତଦିନେ କ'ଣ ହୋଇଥିଲା? କେହି ଜଣେ ସୁନୀତା ଘର ପାଖରେ ନିଆଁ ଜଳେଇ ଛାଡ଼ି ଦେଇଥିଲା, ଆଉ କେତେ ଭୟଙ୍କର କାଣ୍ଡ ହୋଇଥିଲା। ଯଦି ସୁନୀତା ଲକ୍ଷ୍ୟ କରି ନ ଥାନ୍ତା, ତାହେଲେ ସମସ୍ତଙ୍କର ଘର ଜଳିପୋଡ଼ି ପାଉଁଶ ହୋଇଯାଇଥାନ୍ତା।

ଲଖନ: ମୋର ମନେଅଛି। ଅଞ୍ଜୁ ମତେ ସେ ପାଣି ବାଲ୍‌ଟି ଦେଲୁ।

ରଜନୀ: ଆରେ... ବେଶୀ ପାଣି ଖର୍ଚ୍ଚ କରେନି। ଗତ ସପ୍ତାହରେ ତ ପାଣି ଆସି ନ ଥିଲା।

ଲଖନ: ଠିକ ଅଛି। ଯେମିତି କହିବ, ସେମିତି କରିବି। ତମମାନଙ୍କ ଭିତରୁ କେହି ଜଣେ ରଜନୀ ମାଉସୀଙ୍କୁ ଘରେ ଛାଡ଼ିଦେବ, ନହେଲେ ସେ ଏଇଠି ଶୋଇ ପଡ଼ିବେ।

ଦୃଶ୍ୟ ପରିବର୍ତ୍ତନ

(ଟିଭି ଷ୍ଟୁଡିଓ, କାର୍ଯ୍ୟକ୍ରମ ପ୍ରସ୍ତୁତକାରୀ ମଜିଦ ଏପଟ ସେପଟ ହୋଇ ବୁଲୁଛନ୍ତି। ତାନ୍ୟା ସଜେଇ ହେଉଛନ୍ତି, କ୍ୟାମେରା ଆଉ ଲାଇଟ ଠିକ ଜାଗାରେରଖାଯାଉଛି।

ତାନ୍ୟା: ଗତ କାର୍ଯ୍ୟକ୍ରମରେ ମୋ ଆଖି ତଳେ ଦାଗ ଦେଖାଯାଉଥିଲା। ଏହାକୁ ଟିକିଏ ଠିକ କରିଦିଅନ୍ତୁ। ହଁ... ଏବଂ ଠିକ ହେଲା। ବାବୁଲ କୁଆଡ଼େ ଗଲା। ମୋର ଆଉ ଗୋଟିଏ କପ୍ ଚା ଦରକାର।

ବାବୁଲ: ତାନ୍ୟା ମ୍ୟାଡାମ, ମୁଁ ଏଇଠି ଅଛି। ମୁଁ ଜାଣିଛି, ଆପଣ ଦୁଇକପ୍ ଚା ନ ପିଇଲା ଯାଏଁ କାମ କରିପାରିବେ ନାହିଁ। ଏଇ ନିଅନ୍ତୁ ଆପଣଙ୍କ ଚା।

(ଚା ଢାଳିବା ଶବ୍ଦ)

ତାନ୍ୟା: ଚୁପ କର, ବକର ବକର ହେଉଛି। ଯା ତୋ କାମ କର।

ବାବୁଲ: ଆରେ କୋଉ କାମ। ନିର୍ମାତା ମହାଶୟଙ୍କୁ ତ ମୁଁ ଆଗରୁ ତିନିକପ୍ ଚା ଦେଇ ସାରିଲିଣି। ବଡ଼ ବିଚିତ୍ର ଜୀବ (ହସି ହସି) ଟିକିଏ ଡେରି

ହୋଇଗଲେ ତାଙ୍କ ପାରା ଚଢ଼ିଯାଉଛି।

ତାନ୍ୟା: ତୁ କିଛି ବୁଝିପାରିବୁ ନାହିଁ। ସବୁ ଦାୟିତ୍ୱ ତାଙ୍କ ଉପରେ ରହେ। ଯଦି କାର୍ଯ୍ୟକ୍ରମ ଟେଲିକାଷ୍ଟ ନ ହୋଇପାରିବ, ତା ହେଲେ ସବୁକିଛି ତାଙ୍କ ଉପରେ ଆସି ପଡ଼େ। ବୁଝିଲୁ...

ବାବୁଲ: ଆଚ୍ଛା ମ୍ୟାଡାମ, ଆଜି କିଏ କିଏ କଳାକାଳ ଆସୁଛନ୍ତି। ମୁଁ ଶୁଣିଛି ସୁବୀର କୁମାର ମହାଶୟ ଆସୁଛନ୍ତି।

ତାନ୍ୟା: ଆଜିର କାର୍ଯ୍ୟକ୍ରମରେ ଜଣେ ବହୁତ ବଡ଼ ବୈଜ୍ଞାନିକ ଆସୁଛନ୍ତି। କୌଣସି ସିନେମା ନୁହେଁ, ଗୀତ ନାହିଁ।

ବାବୁଲ: ବୈଜ୍ଞାନିକ କ'ଣ କେବେ କଳାକାର ହୋଇପାରିବେ। ମୁଁ ବିଶ୍ୱାସ କରିପାରୁନାହିଁ।

ତାନ୍ୟା: (ଟା ପିଉ ପିଉ) କୁଆଡୁ ତୁ ଆସି ଜୁଟିଲୁ ବାବୁଲ? କ୍ରିକେଟ ଆଉ ସିନେମା ଛଡ଼ା ତତେ ଆଉ କିଛି ଜଣା।

ବାବୁଲ: ତମ ମନରେ ଯାହା ଆସୁଛି କହିଦେଉଛ। କିନ୍ତୁ ମୋର ବିଶ୍ୱାସ ଯେ ବୈଜ୍ଞାନିକ କିଛି କରିପାରିବେ ନାହିଁ।

ତାନ୍ୟା: (ହସି ହସି) ବାବୁଲ... ଆରେ କଥା କ'ଣ? ଏତେ ରାଗ କାହିଁକି?

ବାବୁଲ: କ'ଣ କହିବି ମ୍ୟାଡାମ। ଦୁଇ ବର୍ଷ ପୂର୍ବେ, ଆମ ଗାଁରେ ସୌରପ୍ୟାନେଲ ଲଗେଇ ଯାଇଥିଲେ। କହିକି ଗଲେ ଯେ ଚବିଶ ଘଣ୍ଟା ଗାଁରେ ମାଗଣାରେ ବିଜୁଳି ଶକ୍ତି ମିଳିବ। କିନ୍ତୁ ଦେଖନ୍ତୁ, କିଛି ନାହିଁ, ଆଲୁଅ ବି ନାହିଁ। କାରଣ କୌଣସି ପ୍ୟାନେଲ କାମ କରୁନାହିଁ।

ତାନ୍ୟା: ତୋ ମତଲବ, ବିଜୁଳି ସୃଷ୍ଟି କରିବା ବାଲା ପ୍ୟାନେଲ। ସେଥିରେ କିଛି ଅସୁବିଧା ଥାଇପାରେ।

ମାଜିଦ: ତାନ୍ୟା, ଆମ ବୈଜ୍ଞାନିକ ବହୁତ ଜଲ୍ଦି ଆସି ପହଞ୍ଚିବେ। ତମେ କ'ଣ ସବୁ ବିଷୟକୁ, ଏବଂ ପ୍ରଶ୍ନକୁ ଭଲକରି ପଢ଼ିଛ?

ତାନ୍ୟା: ଆପଣ ଚିନ୍ତା କରନ୍ତୁ ନାହିଁ ମାଜିଦ ଆଜ୍ଞା। ମୁଁ ଭଲକରି ରିହର୍ସାଲ କରି ସାରିଛି।

ମାଜିଦ: ମନେଅଛି। ଆମକୁ ଆମର ଦର୍ଶକଙ୍କୁ ପୂରା ସୂଚନା ଦେବାର ଅଛି। ତଥ୍ୟ ସହିତ, ଆମକୁ କିଛି ସଫଳ କାହାଣୀ ବି ଉଦାହରଣ ଭାବରେ ଦେବାକୁ ହେବ।

ତାନ୍ୟା: ଠିକ ଅଛି ମାଜିଦ ଆଜ୍ଞା। ସେ କରିଥିବା କାମ ବିଷୟରେ ମୁଁ ପୂରା ଜାଣିଛି।

ମାଜିଦ: ପରମାଣୁ ଶକ୍ତି ଉତ୍ପାଦନ ଉପରେ ଯେଉଁ ଲଢ଼େଇ ଚାଲିଛି, ତାକୁ ତ ଆଲୋଚନା ଭିତରକୁ ଆଣିବାକୁ ହେବ। ଦେଖ, ଡ. ମହାନ୍ତି ପହଞ୍ଚି ଗଲେଣି। ସ୍ୱାଗତମ୍ ଡ. ମହାନ୍ତି।

ମହାନ୍ତି: ସରି ମାଜିଦ, ଟିକିଏ ଡେରି ହୋଇଗଲା। ମନେହେଉଛି ଷ୍ଟୁଡିଓରେସବୁ କିଛି ପ୍ରସ୍ତୁତ। ଆଗ ଆମେ ରେକର୍ଡିଂ କରିଦେବା କି?

ତାନ୍ୟା: ହ୍ୟାଲୋ ସାର୍। ମୁଁ ତାନ୍ୟା। ମୁଁ ହିଁ ଆପଣଙ୍କ ସହ ଆଲୋଚନା କରିବି।

ମହାନ୍ତି: ହ୍ୟାଲୋ ତାନ୍ୟା। କିନ୍ତୁ...

ତାନ୍ୟା: ଆମ ବାବୁଲ ମୋଟେ ଖୁସି ନାହିଁ। (ହସି ହସି) ତା ଗାଁରେ ଏବେ ବି ବିଜୁଳି ନାହିଁ। ବରଂ ସୌର ପ୍ୟାନେଲ ଲଗାଇ ଦିଆଯାଇଛି।

ମହାନ୍ତି: ବାବୁଲ ରାଗିବା ପୂରା ଠିକ। ସ୍ୱାଧୀନତାର ୭୦ ବର୍ଷ ପରେ ବି ଆମର ଏଭଳି ଅନେକ ଗାଁ ଅଛି ଯେଉଁଠି ବିଜୁଳି ଆଲୁଅ ପହଞ୍ଚିନାହିଁ।

ବାବୁଲ: ସାର୍, ଏ ଆପଣଙ୍କର ଚା...

ମହାନ୍ତି: ଧନ୍ୟବାଦ ବାବୁଲ। ତମ ଗାଁ କେଉଁଠି?

ବାବୁଲ: ସାର୍, ମୁଁ ଆନ୍ଧ୍ରପ୍ରଦେଶରୁ ଆସିଛି।

ମାଜିଦ: ମୁଁ ସେ ଅଞ୍ଚଳକୁ ଡକୁମେଣ୍ଟାରୀ ସୁଟିଂ ପାଇଁ ଯାଇଛି। ପ୍ରାୟ ଅଧିକାଂଶ ଗାଁରେ ବିଜୁଳି ପହଞ୍ଚି ଗଲାଣି।

ମହାନ୍ତି: ଠିକ ଅଛି। ସବୁ ଗାଁକୁ ଆମେ ଗୋଟିଏ ଶ୍ରେଣୀରେ ରଖିପାରିବା ନାହିଁ। ଗତ କିଛି ବର୍ଷ ଭିତରେ ବହୁତ ଅଧିକ ପ୍ରଗତି ହୋଇଛି। ବିଶ୍ୱର ୨୦୧୮ ମସିହାର ଶକ୍ତି ରିପୋର୍ଟ ଅନୁସାରେ ଏବେ ଅଳ୍ପ କିଛି କୋଟି ଲୋକ ଅଛନ୍ତି ଯାହା ପାଖରେ ବିଜୁଳି ଶକ୍ତି ପହଞ୍ଚି ପାରିନାହିଁ।

ତାନ୍ୟା: ହଁ ମୁଁ କିଛି ସରକାରୀ ତଥ୍ୟ ଦେଖୁଥିଲି। ଏଥିରେ କୁହାଯାଇଛି ଯେ ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ରାଜସ୍ଥାନ ଏବଂ ଝାଡ଼ଖଣ୍ଡର ଅନେକ ଘରେ ବିଜୁଳି ଶକ୍ତି ଯୋଗାଇ ଦିଆଯାଇଛି।

ମହାନ୍ତି: ମାଜିଦ, ତମ ସଂଯୋଜକ ବହୁତ ଚାଲାକ। ସେ ତ ବହୁତ ପ୍ରସ୍ତୁତି କରିଛନ୍ତି। କିନ୍ତୁ ତାନ୍ୟା, ଆମକୁ ଏହାଠାରୁ ଆଗକୁ ଦେଖିବାକୁ ହେବ। କାଗଜର ତଥ୍ୟ ଆଉ କମ୍ପ୍ୟୁଟରରୁ ମିଳୁଥିବା ସୂଚନା ସବୁବେଳେ

ବାସ୍ତବିକ ସ୍ଥିତି ସୂଚିତ କରେନାହିଁ।

ତାନ୍ୟା: ସାର୍, ଆପଣ କହିବାକୁ ଚାହୁଁଛନ୍ତି ଯେ ବାବୁଲର ଉଦାହରଣ ସବୁ ଜାଗାରେ ମିଳିବନାହିଁ। ଆଜି ପରିସ୍ଥିତି ବଦଳି ଗଲାଣି।

ମହାନ୍ତି: ହଁ ଠିକ କହିଛ। ବିଦ୍ୟୁତିକରଣ ଯୋଗୁ ଆମର ଉତ୍ପାଦନର ହାର ବଢ଼ିଛି। ଏଥିରେ କିରୋସିନି ବ୍ୟବହାର କମିଛି। ଏବଂ ଆର୍ଥିକ ଉନ୍ନତି ବି ଆସିଛି।

ମାଜିଦ: ମୋ ମତରେ ଧୀରେ ଧୀରେ କିରୋସିନିର ବ୍ୟବହାର କମୁଛି। ଆମ ପରିବେଶ ପାଇଁ ଏହା ଭଲ କଥା।

ମହାନ୍ତି: ତମେ ଠିକ କହିଛ। ଆମ ସରକାର ଏହାର କୁପ୍ରଭାବକୁ ହୃଦୟଙ୍ଗମ କଲେ। କିନ୍ତୁ ଏହା ବଦଳରେ କିଛି ନ ଦେଲେ ଲୋକ ଏହାର ବ୍ୟବହାର ଚାଲୁ ରଖିବେ। ଆମ ଦେଶରେ ଏଲପିଜି ସିଲିଣ୍ଡର ଆସିବା ଯୋଗୁ କିରୋସିନିର ବ୍ୟବହାର ବହୁତ କମିଯାଇଛି। ପେଟ୍ରୋଲିୟମ ପ୍ଲାନିଂ ଏବଂ ଆନାଲିସିସ୍ ସେଲ୍ ଅନୁସାରେ ୨୦୧୭ ମସିହାରେ କିରୋସିନି ବ୍ୟବହାର ଶତକଡ଼ା ୨୦ ଭାଗ କମିଛି।

ତାନ୍ୟା: ସାର, ଆମେ ଏହାକୁ ଶତକଡ଼ାରେ କହିପାରିବା କି?

ମହାନ୍ତି: ତାନ୍ୟା, ତମର ଏତେ ବେଶୀ ପ୍ରଶ୍ନ, ପୁଣି କମାଲ ପ୍ରଶ୍ନ। ମୁଁ ତମକୁ ସେ ସବୁ ତଥ୍ୟ ଦେଉଛି। ୨୦୧୮ ମସିହା ଆରମ୍ଭରେ ଘରେ ରୋଷେଇ ଗ୍ୟାସ ଲାଗିବା ସଂଖ୍ୟା ଶତକଡ଼ା ୭୨ ଭାଗ ଥିଲା। ଏହା ପରେ ଆଶ୍ଚର୍ଯ୍ୟଜନକ ଭାବରେ ଏହା ବଢ଼ିଛି।

ମାଜିଦ: ସାର୍, ଷ୍ଟୁଡିଓକୁ ଯିବା। ସବୁ ପ୍ରସ୍ତୁତି ହୋଇ ସାରିଛି।

ମହାନ୍ତି: ହଁ ଚାଲ ଯିବା। ମୁଁ ପ୍ରସ୍ତୁତ। ଚା ପିଇଲା ପରେ ପୂରା ସତେଜ। ଚାଲ।

ଦୃଶ୍ୟ ପରିବର୍ତ୍ତନ

(ମହାନ୍ତିଙ୍କ ସାଥୀ ସମସ୍ତେ ସେଇ କଚ୍ଚା ବସ୍ତି ଆଡ଼କୁ ଯାଉଛନ୍ତି)

ଲଖନ: ଆରେ ବୈଜ୍ଞାନିକ ବାବୁ... କେମିତି ଅଛନ୍ତି? ଆପଣ ଆସୁଛନ୍ତି ବୋଲି ଆଗରୁ କହି ତ ନାହାନ୍ତି। ମୁଁ ଆପଣଙ୍କୁ ମୋ ଫୋନ ନମ୍ବର ଦେବା ଭୁଲି ଯାଇଥିଲି।

ମହାନ୍ତି: ଲଖନ, ତମେ ଫୋନ ନମ୍ବର ଦେଇଥିଲ। କିନ୍ତୁ ମୁଁ ତମକୁ ଚମକେଇ ଦେବାକୁ ଚାହୁଁଥିଲି।

ଲଖନ: ଆପଣ ଗୋପାଳ, ଅଞ୍ଜୁ, ନୀନା, କୃଷ୍ଣା ଆଉ ଶମ୍ଭୁଙ୍କ ସଫଳତା ବିଷୟରେ ଶୁଣିଛନ୍ତି।

ମହାନ୍ତି: ହଁ ନିଶ୍ଚୟ। ସେଥିପାଇଁ  ତ ମୁଁ ଆଜି ଏଠିକୁ ଆସିଛି। ମୁଁ ସେମାନଙ୍କ ପାଇଁ କିଛି ଉପହାର ଆଣିଛି। କୁଆଡ଼େ ଗଲେ ସେମାନେ..

ଲଖନ: ସେମାନେ ଟ୍ୟୁସନ ପାଇଁ ଯାଇଛନ୍ତି। ଏବେ ଆସିଯିବେ।

(ସବୁ ବସ୍ତିଲୋକ ଏକାଠି ହେଉଛନ୍ତି, ମହାନ୍ତି ପାଇଁ ଗୋଟିଏ ଷ୍ଟୁଲ ବ୍ୟବସ୍ଥା କରୁଛନ୍ତି)

ବିଜୁ: ସାର୍ ଆପଣ ଏଇଠି ବସନ୍ତୁ। ମୁଁ ଚା ବ୍ୟବସ୍ଥା କରୁଛି।

ମହାନ୍ତି: ବିଜୁ, ତମେ ମୋତେ ବ୍ୟସ୍ତ ହୁଅନାହିଁ। ମୁଁ ଅଧଘଣ୍ଟା ଆଗରୁ ପିଇଛି।

ମୁଁ ତ ପିଲାମାନଙ୍କୁ ଭେଟିବାକୁ ଆସିଥିଲି।

ସୁନୀତା: ସାର୍, ଆମଘରେ କେମିତି ଆଲୁଅ ଚମକୁଛି ଆପଣ ଦେଖିବେ? ଏସବୁ ଆପଣଙ୍କ ଦାନ।

ମହାନ୍ତି: (ହସି ହସି) ସବୁ ଶ୍ରେୟ ମତେ ଦିଅନାହିଁ। ଏସବୁ ଗୋଟିଏ ରାଷ୍ଟ୍ରୀୟ ଅଭିଯାନ ଯୋଗୁ ହେଲା, ମୁଁ ଏଇ ଅଭିଯାନର ଗୋଟିଏ ଅଂଶ।

ସଞ୍ଜୁ: ସାର୍, ଆପଣଙ୍କ ଅଭିପ୍ରାୟ ମିଶନାରୀ ସ୍କୁଲ। ସେମାନେ କ'ଣ ଆପଣଙ୍କୁ ସହଯୋଗ କରୁଛନ୍ତି? ମୁଁ ଜାଣିପାରୁଛି। ସେମାନେ ବହୁତ ବଡ଼ ସ୍କୁଲ।

ମହାନ୍ତି: ସଞ୍ଜୁ, କୌଣସି ମିଶନାରୀ ସ୍କୁଲ ନୁହେଁ। ଏହା ଗୋଟିଏ ରାଷ୍ଟ୍ରୀୟ ଯୋଜନା। ଏଇ ଦେଖ, ଅଞ୍ଜୁ, ଗୋପାଳ ସମସ୍ତେ ଆସୁଛନ୍ତି।

ପିଲାମାନେ: ସାର୍, ଆପଣ କେତେବେଳେ ଆସିଲେ?

ଅଞ୍ଜୁ: ଆପଣ ଆଜି ଆସିବେ ବୋଲି ଆମକୁ ଆଗରୁ କାହିଁକି କହିଲେନି।

ମହାନ୍ତି: ଠିକ ଅଛି, ମୁଁ ମାନୁଛି ଯେ ମୋର ଭୁଲ ହୋଇଛି। ଆଚ୍ଛା, ସମସ୍ତେ ଏଠିକୁ ଆସିଲ। ଏ ଉପହାର କେମିତି ହୋଇଛି?

ପିଲାମାନେ: ଉପହାର... ବାଃ... ଆମ ପାଇଁ...

ଅଞ୍ଜୁ: ମହାନ ବୈଜ୍ଞାନିକଙ୍କ ଜୀବନୀ। ମୋ ପାଇଁ। ବହୁତ ଧନ୍ୟବାଦ ସାର୍।

ମହାନ୍ତି: ତମପାଇଁ ଅନେକ ଅନେକ ଶୁଭକାମନା।

ସୁନୀତା: ଅଞ୍ଜୁ, ଭିତରକୁ ଆସ, ଆଉ ତମର ଏ ବହି ସବୁକୁ ଠିକ ଜାଗାରେ

ରଖା। ବୈଜ୍ଞାନିକ ବାବୁ, ଆପଣ କୋଉ ଅଭିଯାନ କଥା କହୁଛନ୍ତି?

ମହାନ୍ତି: ଏହା ରାଷ୍ଟ୍ରୀୟ ସୌର ଅଭିଯାନ। ୨୦୧୦ ମସିହାରେ ଏହା ଆରମ୍ଭ କରାଯାଇଥିଲା। ସୂର୍ଯ୍ୟ କିରଣରୁ ୨୦ ଗିଗାୱାଟ ବିଦ୍ୟୁତ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଥିଲା।

ବିଜୁ: କ'ଣ କହିଲେ... ଗିଗା...

ଅଞ୍ଜୁ: ବିଜୁଦାଦା, ମୁଁ ବୁଝେଇ ଦଉଛି। ପାଣିକୁ ଯେମିତି ଲିଟରରେ ମାପନ୍ତି, ସେହିପ୍ରକାର ବିଦ୍ୟୁତ ଶକ୍ତିକୁ ଆମେ ୱାଟ୍‌ରେ ମାପେ। ଗିଗାୱାଟ ଏହାର ଅନେକ ଗୁଣ ଅଧିକ। ଏକ ଶହ କୋଟ ହେଉଛି ଗିଗାୱାଟ।

ମହାନ୍ତି: ଏ ବସ୍ତିର ପିଲାମାନେ ବହୁତ ସୁଧାର। ସୌର ଅଭିଯାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା।

ସଞ୍ଜୁ: ପରିବେଶର ପରିବର୍ତ୍ତନ। ଆପଣ ଠିକ କହିଛନ୍ତି ବୈଜ୍ଞାନିକ ବାବୁ। ଗତ ଦୁଇବର୍ଷ ହେବ ଆମର ଏଠି ବହୁତ କମ୍ ବର୍ଷା ହେଉଛି। ମୁଁ ବୁଝୁଛି ଏସବୁ ଏଇ କାରଣରୁ ହେଉଛି।

ମହାନ୍ତି: ବିଜୁ, ବୈଜ୍ଞାନିକ କହନ୍ତି ଯେ ତୁରନ୍ତ କୌଣସି ପରିଣାମରେ ପହଞ୍ଚି ଯିବନାହିଁ। ଅଳ୍ପ କିଛି ବର୍ଷର ଅସାମାନ୍ୟ ବର୍ଷା ଏକ ସାଧାରଣ ଘଟଣା କୁହାଯାଇପାରେ।

ବିଜୁ: କିନ୍ତୁ ଆମ ଗାଁରେ ତ କିଛି ବିଶେଷ ପରିବର୍ତ୍ତନ ଦେଖାଯାଉ ନାହିଁ।

ମହାନ୍ତି: ମୁଁ ତମମାନଙ୍କୁ କେମିତି ବୁଝେଇବି। ପରିବେଶରେ ପରିବର୍ତ୍ତନ କୌଣସି ଗୋଟିଏ ବା ଦୁଇଟି ଗାଁ ଭିତରେ ସୀମିତ ରହେନାହିଁ। ସାରା

ବିଶ୍ୱକୁ ଏହା ପ୍ରଭାବିତ କରେ। ତମ ପାଇଁ ବର୍ଷା କମ୍ ହୋଇପାରେ, ସେଇଠି ଅନ୍ୟ ଅଞ୍ଚଳରେ ଅତ୍ୟଧିକ ବର୍ଷା ହୋଇପାରେ। ବନ୍ୟା ଆସିପାରେ ଏବଂ ଅତ୍ୟଧିକ ତୋଫାନ, ବାତ୍ୟା ବି ଆସିପାରେ।

ବିଜୁ: କିନ୍ତୁ ଆମ ଗାଁ...

ଅଞ୍ଜୁ: ଦାଦା, ପରିବେଶରେ ପରିବର୍ତ୍ତନ କେତେ ବର୍ଷରେ ହୁଏ। କିନ୍ତୁ ଆମେ ଏବେ ଏହାକୁ ଅନୁଭବ କରିପାରିବା। ବୈଜ୍ଞାନିକବାବୁ କହୁନାହାନ୍ତି ଯେ କମ୍ ବର୍ଷା ହେବା ସହିତ ଏହାର କିଛି ସମ୍ପର୍କ ନାହିଁ। କିନ୍ତୁ ଏ ପ୍ରକାର ପରିସ୍ଥିତିର ଅନୁମାନ କେତେ ବର୍ଷର ଅଧ୍ୟୟନ ପରେ ହିଁ କରାଯାଇପାରେ।

ମହାନ୍ତି: ଅଞ୍ଜୁ, ତମେ ଠିକ କହୁଛ। ଆମ ସୌର ଅଭିଯାନର ଉଦ୍ଦେଶ୍ୟ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା। ଏହା ଫଳରେ ପୃଥିବୀର ବାୟୁମଣ୍ଡଳର ତାପମାତ୍ରା ବଢ଼ିବନାହିଁ।

ସୁନୀତା: ଯୋଉ ସୌର ଲଣ୍ଠନ ଆମକୁ ଦିଆଯାଇଛି, କୌଣସି ପ୍ରକାର ବାଷ୍ପ ଉତ୍ସର୍ଜନ ହୁଏନାହିଁ। ମୁଁ ଆପଣଙ୍କ କଥା ବୁଝିପାରୁଛି।

ମହାନ୍ତି: ବଢ଼ିଆ କଥା। ୨୦୧୫ ମସିହାରେ କେନ୍ଦ୍ର ବଜେଟରେ ଏହା ବଢ଼ାଯାଇ ଶହେ ଗିଗାୱାଟ କରାଯାଇଛି। ଏହା ୨୦୨୨ ମସିହା ସୁଦ୍ଧା ଏହି ଲକ୍ଷ୍ୟ ହାସଲ କରାଯିବ।

ଅଞ୍ଜୁ: ଏହା ବହୁତ କଷ୍ଟକର ଲକ୍ଷ୍ୟ ନୁହେଁ କି? ମାନେ ମୋ କହିବା କଥା ହେଉଛି ଆମେ ସମସ୍ତେ ଏହା ଚାହୁଁଛେ, କିନ୍ତୁ ଏତିକି ସମୟ ଭିତରେ

ଏତେ ପରିମାଣର ସୌରଶକ୍ତି ପାଇବା କ'ଣ ସହଜ ହେବ?

ମହାନ୍ତି: ବହୁତ ବଢ଼ିଆ କଥା କହିଲ ଅଞ୍ଜୁ, ମୁଁ ବହୁତ ଖୁସି। ଏହା ଯେ ଅତ୍ୟନ୍ତ କଷ୍ଟକର ଲକ୍ଷ୍ୟ ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ଅଣପାରମ୍ପରିକ ଶକ୍ତି ବ୍ୟବହାର ବିନା ଆମ ପାଖରେ ଆଉ ଚାରା କ'ଣ ଅଛି? ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ସବୁଠାରୁ ଆଗୁଆ ହେଉ ଏହା ଆମେ ସମସ୍ତେ ଚାହୁଁଛେ।

(ରଜନୀ ଆସିଛନ୍ତି)

ରଜନୀ: ମୁଁ ଭଲରେ ଚାଲି ପାରୁନାହିଁ ବୈଜ୍ଞାନିକ ବାବୁ, କିନ୍ତୁ ଆପଣ ଆସିଛନ୍ତି ଶୁଣି ଝିଅକୁ କହିଲି ମତେ ଏଠିକୁ ଆଣିବା ପାଇଁ।

ମହାନ୍ତି: ଆରେ ଏତେ କଷ୍ଟ କାହିଁକି କଲ? କହିଥିଲେ ତ ମୁଁ ନିଜେ ଚାଲି ଯାଇଥାନ୍ତି।

ରଜନୀ: ତା ତ ତମେ ନିଶ୍ଚୟ କରିପାରିଥାନ୍ତ, କିନ୍ତୁ ଆଉ ଦିନେ। ମୁଁ ତମ ପାଇଁ କିଛି ଦହି ଆଣିଛି। ମୁଁ ନିଜେ ତିଆରି କରିଛି। ଦୟାକରୀ ମନା କରିବନାହିଁ। ଆମମାନେ ବହୁତ ଗରିବ, କିନ୍ତୁ ତମେ କିଛି ନ ଖାଇ ଚାଲିଯିବ ମତେ କାହିଁକି ଭଲ ଲାଗିଲାନାହିଁ।

ମହାନ୍ତି: ବହୁତ ଖୁସି କଥା। ମୁଁ ଜାଣିଛି ଦହି ନିଶ୍ଚୟ ବହୁତ ସୁଆଦିଆ ହୋଇଥିବ।

ରଜନୀ: ଖାଇସାରିବା ପରେ ପ୍ରଶଂସା କରିବ। ଆଜିକାଲି ମୁଁ ଯାହା ଚାହୁଁଛି ତା କରିପାରୁନାହିଁ। ମତେ ଭଲ ଦେଖାଯାଉ ନାହିଁ।

ଅଞ୍ଜୁ: ତା ମାନେ ରଜନୀ ଆଈ ଆହୁରି ଅଧିକ ପ୍ରଶଂସା ଚାହୁଁଛନ୍ତି। ଖାଲି ଭଲ ବା ବହୁତ ଭଲରେ କାମ ଚଳିବନାହିଁ।

ରଜନୀ: ଦୁଷ୍ଟ ପିଲା। ସବୁବେଳେ ଖାଲି ଦୁଷ୍ଟାମୀ।

(ସମସ୍ତେ ହସୁଛନ୍ତି)

ସୁନୀତା: ଅଞ୍ଜୁ, ସେ କୋଇଲା ଘଟଣା ବିଷୟରେ କାହିଁକି ପଚାରୁନୁ?

ମହାନ୍ତି: କୋଇ ଘଟଣା?

ଅଞ୍ଜୁ: ଆରେ ହଁ, ମୁଁ ସେ ଇଲେକ୍ଟ୍ରନିକ ଦୋକାନରେ ସମାଚାର ଦେଖୁଥିଲି। ହଠାତ ମେଘାଳୟର କିଛି ଖଣିର ଫଟୋ ଦେଖାଗଲା। ଗୋଟିଏ ଖଣିରେ ୧୫ ଖଣି ମୂଲିଆ ଫସି ଯାଇଛନ୍ତି। ସେମାନେ ଏହାକୁ ମୂଷା ସହ ଯୋଡ଼ି କହୁଥିଲେ। ମୁଁ କିଛି ବୁଝିପାରିଲି ନାହିଁ। ଏସବୁ କ'ଣ ଘଟଣା। ଏ ଜୟନ୍ତୀ ପାହାଡ଼ରେ ହେଉଛି, କୋଇଲାର ବେନିୟମ ଖୋଳା ସହ ଏହା ସମ୍ବନ୍ଧିତ।

ମହାନ୍ତି: ହଁ, ଏହା ଗୋଟିଏ ବହୁତ ମୂଷାଗାତିଆ ଖଣି, ଏହାର ପ୍ରବେଶ ଦ୍ୱାର ବହୁତ କମ୍ ଚୌଡ଼ା ହୋଇଥାଏ। ଆଲୁଅ ଭିତରକୁ ଯାଇପାରେ ନାହିଁ। ଏଭଳି ଗୋଟିଏ ଖଣି ଭିତରେ ୧୫ ଜଣ ମୂଲିଆ ଫସି ରହିଛନ୍ତି। ସେମାନଙ୍କୁ ବାହାର କରିବାର ସବୁ ପ୍ରକାର ପ୍ରଚେଷ୍ଟା ବିଫଳ ହେଉଛି। (ରଜନୀ ଉଦାସ ହୋଇ ପ୍ରାର୍ଥନା କରୁଛନ୍ତି)

ସୁନୀତା: ଏହା ତ ବହୁତ ବିପଦଜନକ ବୈଜ୍ଞାନିକ ବାବୁ। ସେଠି ସେମାନେ କାହିଁକି କାମ କରନ୍ତି?

ମହାନ୍ତି: ଏସବୁ ଜୀବିକା କଥା ସୁନୀତା। କିନ୍ତୁ ମୁଁ କହିରଖେ ଯେ ୨୦୧୪ ମସିହାରେ ଏଭଳି ମୂଷାଗାତିଆ ଖଣି ନିଷିଦ୍ଧ କରାଯାଇଛି। କିନ୍ତୁ ମେଘାଳୟରେ ଏହା ଏବେ ବି ଚାଲୁଛି। ପୂର୍ବ ଜୟନ୍ତିଆ ପାହାଡ଼ରେ ଏଭଳି ଖଣି ବେଶ୍ ରହିଛି। ଏସବୁର ମାଲିକାନା ବ୍ୟକ୍ତିଗତ ହୋଇ ରହିଛି।

ଅଞ୍ଜୁ: କୋଇଲା ବହୁତ ମୂଲ୍ୟବାନ, ନୁହେଁ ବୈଜ୍ଞାନିକ ବାବୁ?

ମହାନ୍ତି: ତମେ ତ ଦାର୍ଶନିକ ଭଳି କଥା କହୁଛ। କୋଇଲାର ଗୁରୁତ୍ୱକୁ କିଏ କିଭଳି ଭୁଲିପାରିବ/ଆମ ଦେଶ ବିଶ୍ୱରେ ତୃତୀୟ ବୃହତ୍ତନ କୋଇଲା ଉତ୍ପାଦନକାରୀ ରାଷ୍ଟ୍ର। ଆମ ଶକ୍ତି ଚାହିଦାର ପ୍ରାୟ ଶତକଡ଼ା ଷାଠିଏ ଭାଗ ଆସୁଛି କୋଇଲାରୁ।

(ହଠାତ ରଜନୀ କାନ୍ଦିବାକୁ ଆରମ୍ଭ କଲେ, ମହାନ୍ତି ଆଶ୍ଚର୍ଯ୍ୟ ହୋଇଗଲେ)

ମହାନ୍ତି: କ'ଣହେଲା ମାଉସୀ? କୋଉଠି କ'ଣ ଅସୁବିଧା ହେଲା କି? ତମ ଦେହ ଭଲ ଲାଗୁନି? ସୁନୀତା ତାଙ୍କୁ ଘରକୁ ନେଇ ଯାଆ, ସେ ଟିକିଏ ବିଶ୍ରାମ ନିଅନ୍ତୁ।

ସୁନୀତା: କିଛି ବ୍ୟସ୍ତ ହୁଅନ୍ତୁନାହିଁ ବୈଜ୍ଞାନିକ ବାବୁ। ଆଜି ରଜନୀ ମାଉସୀଙ୍କ ପୁଅଙ୍କ ଜନ୍ମଦିନ।

ମହାନ୍ତି: ଓଃ, ବଢ଼ିଆ କଥା। ତମ ପୁଅ କେଉଁଠି ଅଛନ୍ତ? ଓହୋ, ଏବେ ମୁଁ ବୁଝିପାରୁଛି ଯେ ଦହି ଏତେ ସୁଆଦିଆ କେମିତି ହେଲା। (ଟିକିଏ ଚାଖି) ଉଁ... ବହୁତ ବଢ଼ିଆ ଲାଗୁଛି। କିନ୍ତୁ ମାଉସୀ ତମେ କାନ୍ଦୁଛ କାହିଁକି?

ଆଚ୍ଛା ମୁଁ ଅନୁମାନ କରୁଛି... ଉଁ... ତମ ପୁଅ ନିଶ୍ଚୟ ଦୂରରେ କେଉଁଠି କାମ କରୁଛନ୍ତି, ଆଉ ଆଜି ତମେ ତାଙ୍କୁ ଖୋଜୁଛ, ଠିକ ନା?

(ରଜନୀ ଜୋରରେ କାନ୍ଦିବା)

ମହାନ୍ତି: ମୁଁ କିଛି ବୁଝିପାରୁନାହିଁ। ମୁଁ କ'ଣ କିଛି ଭୁଲ କହିଦେଲି?

ସଞ୍ଜୁ: ଆପଣଙ୍କର କିଛି ଭୁଲ ନାହିଁ ବାବୁ। ଆମର ଭାଗ୍ୟ। ଆମ ଭଳି ଗରିବ ଲୋକ... ଆମେ ବା କ'ଣ କରିପାରିବୁ?

ମହାନ୍ତି: (ଗୁଣୁଗୁଣୁ ହୋଇ) ମୁଁ ସତରେ କିଛି ବୁଝିପାରୁ ନାହିଁ।

ଅଞ୍ଜୁ: ମୁଁ କହୁଛି। ରଜନୀ ଆଈଙ୍କ ଗୋଟିଏ ବୋଲି ପୁଅ, ଦକ୍ଷିଣରେ କୁଆଡ଼େ କୋଇଲା ଖଣିରେ କାମ କରିବାକୁ ଯାଇଥିଲେ। ଦିନେ ସେ ଅନ୍ୟଲୋକଙ୍କ ସହ କାମ କରୁଥିବା ସମୟରେ ଛାତରୁ ବଡ଼ ଖଣ୍ଡେ ଭାଙ୍ଗିପଡ଼ିଲା। ଆଉ ସେ ସମସ୍ତେ ଚାପି ହୋଇ ରହିଗଲେ।

(ଅଞ୍ଜୁ ବି କାନ୍ଦିବାକୁ ଲାଗିଲେ)

ମହାନ୍ତି: (ଧୀର ସ୍ୱରରେ) ଓହୋ, ସେ ଗୋଟିଏ ଖଣିରେ ମରିଯାଇଛନ୍ତି।

ବିଜୁ: ରଜନୀ ମାଉସୀଙ୍କ ବର ଏ ଧକ୍କା ସହିପାରିଲେ ନାହିଁ। ଖବର ଶୁଣିବା ମାତ୍ରେ ତାଙ୍କର ହୃଦଘାତ ହେଲା ଏବଂ ସାଙ୍ଗେ ସାଙ୍ଗେ ସେ ବି ଚାଲିଗଲେ।

ମହାନ୍ତି: ରଜନୀ ମାଉସୀଙ୍କ ଅନ୍ୟ ପିଲାମାନେ କୋଉଠି?

ସୁନୀତା: ତାଙ୍କର ଆଉ ଗୋଟିଏ ପୁଅ ଓ ଦି ଝିଅ ଅଛନ୍ତି। ସେମାନେ ସମସ୍ତେ

ଗୋଟିଏ ନିର୍ମାଣ ସଂସ୍ଥାରେ କାମ କରନ୍ତି। ଏଠି ପ୍ରାୟ ୫ କିଲୋମିଟର ଦୂରରେ।

ମହାନ୍ତି: ମାଉସୀଙ୍କୁ କ'ଣ କହି ବୁଝେଇବି ମୁଁ ଜାଣିପାରୁ ନାହିଁ। ଜଣେ ପୁତ୍ରହରା ମା'କୁ ବୁଝାଇବା ପାଇଁ କିଛି ବାଟ ଅଛି କି ନାହିଁ ତା ବି ମୁଁ ଜାଣେନାହିଁ।

ଅଞ୍ଜୁ: କୋଇଲା ବହୁତ ମୂଲ୍ୟବାନ ବାବୁ। ଏହା ତ ଜୀବନ ନେଇଯାଏ।

ମହାନ୍ତି: ମୁଁ ତମର ଦୁଃଖ ବୁଝୁଛି ଅଞ୍ଜୁ। କାମ ଜାଗାରେ ଦୁର୍ଘଟଣା ଗୋଟିଏ ଗୁରୁତର ବିଷୟ। ଏହାକୁ ଅଣଦେଖା କରିହେବନାହିଁ। ଏମିତିକି ନିର୍ମାଣ କ୍ଷେତ୍ର ବି ସବୁବେଳେ ନିରାପଦ ନୁହେଁ।

ସଞ୍ଜୁ: ସେକଥା ଆମଠୁ ଅଧିକ ଆଉ କିଏ ଜାଣିଛି ବାବୁ।

ମହାନ୍ତି: କିନ୍ତୁ ଖଣିର ବିପଦ ପୂରା ଅଲଗା ପ୍ରକାରର। ଖଣିରେ କାମ କଲାବାଲାଙ୍କୁ ସୁରକ୍ଷା ଦେବା ପାଇଁ ଆମର ନିୟମ କାନୁନ ରହିଛି। କିନ୍ତୁ ଆମର ଖଣି ମାଲିକ ମାନେ ସେସବୁକୁ ମାନନ୍ତି ନାହିଁ।

(ସମସ୍ତେ ଚୁପ)

ମହାନ୍ତି: ଆଜି ତ ଡେରି ହେଲାଣି। ମତେ ଯିବାକୁ ହେବ। କିନ୍ତୁ ଆଜି ମୁଁ ମନଦୁଃଖରେ ତମମାନଙ୍କୁ ଛାଡ଼ି ଯାଉଛି। ମୁଁ କେବଳ ଆଶା କରିପାରେ, ଅବଶ୍ୟ ଆଜିର ଏଇ ସମୟରେ ଏହା ବହୁତ ଅଜବ ଲାଗୁଛି... କିନ୍ତୁ ମୁଁ ସତରେ ବିଶ୍ୱାସ କରେ ଯେ ଏମିତି ଦିନ ଆସିବ ଯେଉଁଦିନ ଆମେ ଆମର ଶକ୍ତି ଚାହିଦା ସୂର୍ଯ୍ୟଠାରୁ  ଏବଂ ବହୁଥିବା ପବନ ଠାରୁ ପାଇପାରିବା।

ଜୀବାଶ୍ମ ଇନ୍ଧନ ବାହାର କରିବାରେ ଆଉ କୌଣସି ଦିନ କେହି ସହିଦ ହେବେନାହିଁ। ଆଜି ଏ କଥା ବହୁତ ଅଜବ ଲାଗୁଛି, କିନ୍ତୁ ମୁଁ ଜାଣିଛି ଏହା ନିଶ୍ଚୟ ଆସିବ...